ଓଡିଶା ସରକାର

ବଜେଟ୍

ଭାଗ - ୧

୨୦୨୩-୨୪



କୃଷି

ଶ୍ରୀ ନିରଞ୍ଜନ ପୂଜାରୀ

ଅର୍ଥମନ୍ତ୍ରୀଙ୍କ ଦ୍ୱାରା ଉପସ୍ଥାପିତ

୨୪ ଫେବୃୟାରୀ, ୨୦୨୩

ମାନ୍ୟବର ବାଚସ୍ପତି ମହୋଦୟ !

କ୍ରମାଗତ ଭାବେ ପଞ୍ଚମ ଥର ପାଇଁ 2023-24 ଆର୍ଥିକ ବର୍ଷର ବଜେଟ୍ ଉପସ୍ଥାପନ କରିବାର ସୁଯୋଗ ପ୍ରଦାନ କରିଥିବାରୁ ମୁଁ ସର୍ବ ପ୍ରଥମେ ଗୃହର ନେତା ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରୁଛି । ଏହି ବଜେଟ୍, ଆମର ଦୂରଦୃଷ୍ଟିସମ୍ପନ୍ନ ତଥା ସର୍ବଜନପ୍ରିୟ ମୁଖ୍ୟମନ୍ତ୍ରୀଙ୍କର ସଙ୍କଳ୍ପିତ ସ୍ୱପ୍ନ "**ନୂତନ ଓଡିଶା-ଏକ ସଶକ୍ତ ଓଡିଶା**"ର ପ୍ରତିଫଳନ ।

2. ଶ୍ରୀ ନବୀନ ପଟ୍ଟନାୟକଙ୍କ ଦକ୍ଷ ନେତୃତ୍ୱରେ ଆମ ସରକାର ବିଗତ 23 ବର୍ଷ ମଧ୍ୟରେ ଜନସାଧାରଣଙ୍କ ବର୍ଦ୍ଧିଷ୍ଣୁ ଆଶା ଓ ଆକାଂକ୍ଷାକୁ ପୂରଣ କରିବାରେ ସକ୍ଷମ ହେବା ସହ ରାଜ୍ୟକୁ ଏକ ଅଭୂତପୂର୍ବ ଅଭିବୃଦ୍ଧି ପଥରେ ନେଇପାରିଛନ୍ତି । ଅତ୍ୟନ୍ତ ଅନୁନ୍ନତ ରାଜ୍ୟ ଭାବେ ପରିଗଣିତ ଓଡ଼ିଶା ଆଜି ଅନେକ କ୍ଷେତ୍ରରେ ଦେଶର ଆଦର୍ଶ ପାଲଟିଛି । ରୂପାନ୍ତରୀକରଣ ଆମର ଏକମାତ୍ର ଲକ୍ଷ୍ୟ ।

3. ବିପର୍ଯ୍ୟୟକୁ ପ୍ରତିହତ କରି ଜୀବନ ଓ ଜୀବିକାର ସୁରକ୍ଷା, ସମସ୍ତଙ୍କ ପାଇଁ ଖାଦ୍ୟ ଓ ସ୍ୱାସ୍ଥ୍ୟ ନିରାପତ୍ତା ସୁନିଶ୍ଚିତ କରିବା, ମହିଳା ମାନଙ୍କ ରାଜନୈତିକ ଓ ଅର୍ଥନୈତିକ ସଶକ୍ତୀକରଣ, ଲକ୍ଷ ଲକ୍ଷ ଲୋକଙ୍କୁ ଦାରିଦ୍ର୍ୟରୁ ମୁକ୍ତ କରିବା ସହ ରାଜ୍ୟର ସର୍ବାଙ୍ଗୀନ ବିକାଶ ଓ ପ୍ରଗତି ପାଇଁ ଆମେ ଦୃଢ଼ ପ୍ରତିବଦ୍ଧ । ଆମ ସରକାର ସଦା ସର୍ବଦା ମହିଳା, ଯୁବଗୋଷ୍ଠି, କୃଷକ, ଶ୍ରମିକ, ଧାର୍ମିକ ସଂଖ୍ୟାଲଘୁ ଏବଂ ସମାଜର ଦୁର୍ବଳ ତଥା ପଛୁଆ ବର୍ଗଙ୍କ ସ୍ୱାର୍ଥ ରକ୍ଷା ପାଇଁ ଯଥୋଚିତ ସହଯୋଗ ଓ ସମର୍ଥନ ପ୍ରଦାନ କରିଆସିଛନ୍ତି । ଆମ କାର୍ଯ୍ୟଶୈଳୀ ଓ କଠିନ ପରିଶ୍ରମ ଆମକୁ ଉଲ୍ଲେଖନୀୟ ସଫଳତା ଆଣିଦେଇଛି ।

4. ଜଳସେଚନ, କୃଷି ଉତ୍ପାଦନ, ଖାଦ୍ୟ ସୁରକ୍ଷା, ସମସ୍ତଙ୍କ ପାଇଁ ପକ୍କା ଘର, ବିଶୁଦ୍ଧ ପାନୀୟ ଜଳ, ପରିମଳ, ବିଜୁଳି, ସଡ଼କ ସଂଯୋଗୀକରଣ, ଶିକ୍ଷା, ଦକ୍ଷତା, ସ୍ୱାସ୍ଥ୍ୟ ସେବା, ଜୀବିକା ସୁଯୋଗ ସୃଷ୍ଟି, ସାମାଜିକ ସୁରକ୍ଷା ଓ ନଗର ଉନ୍ନୟନ କ୍ଷେତ୍ରରେ ଓଡ଼ିଶା ଦ୍ରୁତ ଅଗ୍ରଗତି କରିଛି । ଉତ୍ପାଦନ, ସୂଚନା ଓ ପ୍ରଯୁକ୍ତିବିଦ୍ୟା, ସେବା ଉଦ୍ୟୋଗ ଏବଂ ଷ୍ଟାର୍ଟଅପ୍

କ୍ଷେତ୍ରରେ ପୁଞ୍ଜିନିବେଶ ପାଇଁ ଆମେ ଆଜି ଏକ ଆକର୍ଷଣୀୟ ବିଶ୍ୱ ସ୍ତରୀୟ ଲକ୍ଷ୍ୟସ୍ଥଳୀ ଭାବେ ଉଭା ହୋଇଛୁ । ବିଶ୍ୱସ୍ତରୀୟ ଭିତ୍ତିଭୂମିର ବିକାଶ କରି, କ୍ରମାଗତଭାବେ ଆନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତାକୁ ସଫଳତାର ସହ ଆୟୋଜନ କରି ଓଡ଼ିଶା ଏବେ ସମଗ୍ର ବିଶ୍ୱର ଏକ **ସ୍ପୋର୍ଟ ହବ୍** ଭାବେ ପରିଗଣିତ ହୋଇପାରିଛି ।

5. ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟର ସଙ୍କଟ ସତ୍ତ୍ୱେ ଆମ ରାଜ୍ୟ ଏଭଳି ସଫଳତା ହାସଲ କରିପାରିଛି । ବାସ୍ତବରେ, ଓଡିଶା ତା'ର ବିପର୍ଯ୍ୟୟ ମୁକାବିଲା କ୍ଷମତା ପାଇଁ ବିଶ୍ୱସ୍ତରରେ ମିଳିତ ଜାତିସଂଘ ତରଫରୁ ସ୍ୱୀକୃତି ଲାଭ କରିଛି ।

6. ଶାସନ ବ୍ୟବସ୍ଥା ଏବଂ ସରକାରୀ ଆର୍ଥିକ ପରିଚାଳନା **(Public Financial Management)**ରେ ବିଶ୍ୱାସନୀୟତା, ଉତ୍ତରଦାୟିତ୍ୱ ଏବଂ ସ୍ୱଚ୍ଛତା ବୃଦ୍ଧି ପାଇଁ ଆମ ସରକାର ଦୃଢ ପ୍ରତିଶ୍ରୁତିବଦ୍ଧ । ଆମର ପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ **5T ମନ୍ତ୍ର** ଏବଂ **"ମୋ ସରକାର"** ଅଭିଯାନ, ପ୍ରଶାସନ ତଥା ସେବା ପ୍ରଦାନର ପ୍ରତ୍ୟେକ କ୍ଷେତ୍ରରେ ପରିବର୍ତ୍ତନ ଆଣିପାରିଛି ।

7. ଏକ ଭାଗୀଦାରୀ ପ୍ରକ୍ରିୟା ସ୍ୱରୂପ, ଆମେ ସମାଜର ବିଭିନ୍ନ ବର୍ଗର ପ୍ରତିନିଧି ତଥା ବିଶେଷଜ୍ଞ ଏବଂ ସାଧାରଣଲୋକଙ୍କ ସହିତ ପ୍ରାକ୍ ବଜେଟ୍ ଆଲୋଚନା କରିଥିଲୁ । ବିଭିନ୍ନ ପ୍ରସଙ୍ଗ ଉପରେ ଆମେ ଏହି ବର୍ଷ ବିଭିନ୍ନ ମାଧ୍ୟମରୁ 1 ହଜାର 9 ଶହ 30 ଟି ପରାମର୍ଶ ପାଇଛୁ । ବଜେଟ୍ ପ୍ରସ୍ତୁତି ବେଳେ ଆମେ ପରାମର୍ଶଗୁଡ଼ିକୁ ଯତ୍ନର ସହ ବିଚାରକୁ ନେଇ କିଛି ମତାମତକୁ ବଜେଟରେ ଅନ୍ତର୍ଭୁକ୍ତ ମଧ୍ୟ କରିଛୁ । ବଜେଟ୍ ପ୍ରସ୍ତୁତି ଓ **ନୂତନ ଓଡ଼ିଶା-ସଶକ୍ତ ଓଡ଼ିଶା** ଗଠନରେ ନାଗରିକମାନଙ୍କ ସହଭାଗିତା ସେମାନଙ୍କ ପ୍ରତି ଆମର ପ୍ରତିବଦ୍ଧତାର ପ୍ରତିଫଳନ ।

8. ବିଗତ ବର୍ଷମାନଙ୍କ ପରି ଏହି ବଜେଟ୍ ଅଭିଭାଷଣ ଦୁଇ ଭାଗରେ ବିଭକ୍ତ । ପ୍ରଥମ ଭାଗ ହେଉଛି କୃଷି ବଜେଟ୍ ଏବଂ ଦ୍ୱିତୀୟ ଭାଗ ହେଉଛି ସାଧାରଣ ବଜେଟ୍ ।

ପ୍ରଥମ ଭାଗ (କୃଷି ବଜେଟ୍)

ସ୍ଥୂଳ ଅର୍ଥନୈତିକ ଦୃଶ୍ୟପଟ୍ଟ (Macro-Economic Outlook)

୨. 2023-24 ଆର୍ଥିକ ବର୍ଷ ପାଇଁ ବିଶ୍ୱ ଅର୍ଥନୈତିକ ଦୃଶ୍ୟପଟ ଚିନ୍ତାଜନକ ପ୍ରତୀୟମାନ ହେଉଛି । ଉଭୟ ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (IMF) ଏବଂ ବିଶ୍ୱ ବ୍ୟାଙ୍କ, ବିଶ୍ୱ ଅର୍ଥନୀତିରେ ପ୍ରାୟ 1 ଦଶମିକ 7 ପ୍ରତିଶତ ଅଭିବୃଦ୍ଧି ହେବ ବୋଲି ପୂର୍ବାନୁମାନ କରିଛନ୍ତି । କିନ୍ତୁ ଭାରତର ଅଭିବୃଦ୍ଧି ହାର 2023-24 ଆର୍ଥିକ ବର୍ଷରେ 6 ଦଶମିକ 8 ପ୍ରତିଶତ ରହିବ ବୋଲି ପୂର୍ବାନୁମାନ କରାଯାଇଛି । ସୁତରାଂ ଏହା ବିଶ୍ୱ ଅର୍ଥନୀତିରେ ଏକ ଉଜ୍ଜ୍ୱଳ ସ୍ଥାନ ଭାବେ ପରିଗଣିତ ହୋଇଛି । ମହାମାରୀ ପ୍ରଭାବରୁ ଦ୍ରୁତ ପୁନରୁଦ୍ଧାର ପରେ ଓଡିଶା ଅର୍ଥନୀତିରେ 2021-22 ଆର୍ଥିକ ବର୍ଷରେ 11 ଦଶମିକ 5 ପ୍ରତିଶତ ଅଭିବୃଦ୍ଧି ହୋଇଥିଲା, ଯାହା ଜାତୀୟ ଅଭିବୃଦ୍ଧି ହାରଠାରୁ ଅଧିକ । ଫଳତଃ ଓଡିଶା ଦେଶର ଅଭିବୃଦ୍ଧି ହାରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିଛି । 2023-24 ଆର୍ଥିକ ବର୍ଷରେ ରାଜ୍ୟର GSDP ଅଭିବୃଦ୍ଧି ହାର 8 ପ୍ରତିଶତ ରହିବ ବୋଲି ଆକଳନ କରାଯାଇଥିବାରୁ, ଓଡ଼ିଶା ଭାରତ ଅର୍ଥନୀତିର ଏକ ଅତି ଉଜ୍ଜ୍ୱଳ ସ୍ଥାନରେ ପରିଗଣିତ ହୋଇପାରିବ । କ୍ରମାଗତ ଭାବରେ ଉଚ୍ଚ ଅର୍ଥନୈତିକ ଅଭିବୃଦ୍ଧି ଯୋଗୁଁ ଜାତୀୟ ସ୍ତର ଠାରୁ ରାଜ୍ୟ ସ୍ତରରେ ମୁଣ୍ଡପିଛା ଆୟର ବ୍ୟବଧାନ 2015-16 ରେ 31 ଦଶମିକ 6 ପ୍ରତିଶତ ଥିବାବେଳେ 2022-23 ରେ ଏହା 11 ଦଶମିକ 7 ପ୍ରତିଶତକୁ ହ୍ରାସ ପାଇ ପାରିଛି । ଏହି ଧାରା ବଜାୟ ରହିଲେ ଆଗାମୀ କିଛି ବର୍ଷ ମଧ୍ୟରେ ରାଜ୍ୟର ମୁଣ୍ଡପିଛା ଆୟ ଜାତୀୟ ସ୍ତରକୁ ଅତିକ୍ରମ କରିପାରିବ ବୋଲି ଆଶା କରାଯାଉଛି । ଏହି ପରିପ୍ରେକ୍ଷୀରେ ମୁଁ ବର୍ତ୍ତମାନ **କୃଷି ବଜେଟ୍** ଉପସ୍ଥାପନ କରୁଛି ।

ମାନ୍ୟବର ବାଚସ୍ପତି ମହୋଦୟ!

10. ଓଡ଼ିଶା ମୁଖ୍ୟତଃ ଏକ କୃଷିଭିତ୍ତିକ ରାଜ୍ୟ । ଓଡ଼ିଶା ଅର୍ଥନୈତିକ ସର୍ବେକ୍ଷଣ, 2022-23 ର ଆକଳନ ଅନୁଯାୟୀ କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରର ଯୋଗଦାନ ମୋଟ **Gross State Value Added (GSVA) ର 22 ଦଶମିକ 5 ପ୍ରତିଶତ** ଅଟେ।

କୃଷି ଏବଂ ଆନୁଷଙ୍ଗିକ କାର୍ଯ୍ୟକ୍ରମ ସର୍ବାଧିକ ରୋଜଗାର ପ୍ରଦାନକାରୀ କ୍ଷେତ୍ର ଏବଂ ଏହା ରାଜ୍ୟର ସାମାଜିକ ତଥା ଅର୍ଥନୈତିକ ବିକାଶରେ ସବୁଠୁ ପ୍ରମୁଖ ଭୂମିକା ଗ୍ରହଣ କରି ଥାଏ । ତେଣୁ ଆମ ସରକାର ଏକ ବିସ୍ତୃତ ତଥା ସାମଗ୍ରିକ କୃଷିନୀତି ଦ୍ୱାରା ବିଭିନ୍ନ ପଦକ୍ଷେପ ମାଧ୍ୟମରେ ଏହି କ୍ଷେତ୍ରର ବିକାଶ ଓ ବଜାର ସଂଯୋଗୀକରଣ ଉପରେ ବିଶେଷ ଗୁରୁତ୍ୱାରୋପ କରୁଛନ୍ତି । ଏହାଦ୍ୱାରା ଚାଷୀମାନଙ୍କୁ ଫସଲର ଉତ୍ତମ ମୂଲ୍ୟ ଯୋଗାଇ ଦେବା ସହ ସେମାନଙ୍କ ଆୟରେ ଦୃଷ୍ଟାନ୍ତମୂଳକ ଅଭିବୃଦ୍ଧିର ଆଶା କରାଯାଉଛି ।

11. 2013-14 ଆର୍ଥିକ ବର୍ଷରୁ ଆମ ସରକାର ଏକ ପୃଥକ କୃଷି ବଜେଟ୍ ମାଧ୍ୟମରେ ଏହି କ୍ଷେତ୍ର ପାଇଁ ରାଜ୍ୟ ସମ୍ବଳର ଏକ ବିଶେଷ ଅଂଶ ବିନିଯୋଗ କରି ପ୍ରୋତ୍ସାହନ ଦେଇଆସୁଛନ୍ତି ।

12. କୃଷି ଉତ୍ପାଦନ ଓ ଉତ୍ପାଦକତା ବୃଦ୍ଧି ତଥା ରାଜ୍ୟର କୃଷକମାନଙ୍କ କଲ୍ୟାଣ ଉଦ୍ଦେଶ୍ୟରେ ମୁଁ କୃଷି ବଜେଟ୍, 2023-24 ଅଧୀନରେ **24 ହଜାର 8 ଶହ 29 କୋଟି ଟଙ୍କାର ବ୍ୟୟବରାଦ ପ୍ରସ୍ତାବ ରଖୁଛି । ଏହା ଗତବର୍ଷ ତୁଳନାରେ 20 ପ୍ରତିଶତ ଅଧିକ ଏବଂ 2016-17 ଆର୍ଥିକ ବର୍ଷ ବଜେଟ୍ ଆକଳନ ଠାରୁ ୩ ଗୁଣ ଅଧିକ ।**

ମାନ୍ୟବର ବାଚସ୍ପତି ମହୋଦୟ!

13. **ଜଣେ ବି ଗରିବ ଲୋକ ଯେପରି ଖାଦ୍ୟ ସୁରକ୍ଷାରୁ ବଞ୍ଚିତ ନ ହୁଅନ୍ତି** ଏହି ପ୍ରୟାସ ହେଉଛି ଆମ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି । ଏହାକୁ ପାଥେୟ କରି ରାଜ୍ୟ ସରକାର ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (NFSA) ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା (SFSS)କୁ ସ୍ୱଚ୍ଛତା ଓ ଦକ୍ଷତାର ସହ କାର୍ଯ୍ୟକାରୀ କରୁଛନ୍ତି । ବାସ୍ତବରେ, ଆମର ଏହି ପ୍ରୟାସକୁ ସମଗ୍ର ଦେଶରେ ପ୍ରଶଂସା କରାଯାଇଛି ଏବଂ ନିକଟରେ ଭାରତ ସରକାରଙ୍କ ଦ୍ୱାରା ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (NFSA) ପାଇଁ କରାଯାଇଥିବା ରାଜ୍ୟ ମାନ୍ୟତା ସୂଚକାଙ୍କ-2022 (State Ranking Index-2022)ରେ ଓଡ଼ିଶାକୁ ଦେଶର **ଏକ ନମ୍ବର ରାଜ୍ୟ** ଭାବେ ସ୍ୱୀକୃତି ମିଳିଛି ।

14. ଏକ ସୁଦୃଢ଼ ଧାନସଂଗ୍ରହ ବ୍ୟବସ୍ଥା ଦ୍ୱାରା ଖାଦ୍ୟ ନିରାପତ୍ତା ହାସଲ କରାଯାଇପାରିବ। ବିଗତ ଦୁଇ ଦଶନ୍ଧି ମଧ୍ୟରେ ଖାଦ୍ୟ ଅଭାବଗ୍ରସ୍ତ ରାଜ୍ୟରୁ ଆମେ କେବଳ ଖାଦ୍ୟବଳକା ରାଜ୍ୟରେ ପରିଗଣିତ ହୋଇନାହୁଁ ବରଂ କେନ୍ଦ୍ରୀୟ ପୁଲରେ ଚତୁର୍ଥ ବୃହତ୍ତମ ଖାଦ୍ୟ ଯୋଗାଣକାରୀ ରାଜ୍ୟ ହୋଇପାରିଛୁ। ରାଜ୍ୟରେ ଧାନସଂଗ୍ରହ କାର୍ଯ୍ୟକଳାପ ବୃଦ୍ଧି ପାଉଛି । ତେଣୁ ଚାଷୀଙ୍କୁ ଠିକ୍ ସମୟରେ ସେମାନଙ୍କ ପ୍ରାପ୍ୟ ପ୍ରଦାନ ପାଇଁ Odisha State Civil Supplies Corporation Ltd(OSCSC) ଦ୍ୱାରା ଋଣ ବ୍ୟତୀତ 2023-24 ବଜେଟରେ **ଧାନ ସଂଗ୍ରହ କାର୍ଯ୍ୟକ୍ରମ ନିମନ୍ତେ 2 ହଜାର କୋଟି ଟଙ୍କାର Revolving fund ର ବ୍ୟବସ୍ଥା କରାଯାଇଛି** । ରାଜ୍ୟର ସମସ୍ତ 30 ଟି ଜିଲ୍ଲାରେ ଧାନ ସଂଗ୍ରହ କାର୍ଯ୍ୟକ୍ରମ ଚାଲିଛି ଏବଂ ଏଥିରେ ପଶ୍ଚିମ ଓଡ଼ିଶାର ପ୍ରମୁଖ ଯୋଗଦାନ ରହିଛି। ତେଣୁ ସେମାନେ ଏହି **Revolving fundର** ମୁଖ୍ୟ ହିତାଧିକାରୀ ହେବେ ଏବଂ ଏହା ସେମାନଙ୍କ ଜୀବିକା ଉପାର୍ଜନରେ ସହାୟକ ହେବ ।

15. ରାଜ୍ୟରେ କୃଷି କ୍ଷେତ୍ରର ସମୃଦ୍ଧି ତଥା ଦାରିଦ୍ର୍ୟ ହ୍ରାସ ଲକ୍ଷ୍ୟ ନେଇ 2018-19 ଆର୍ଥିକ ବର୍ଷ ଠାରୁ ରାଜ୍ୟ ସରକାର **Krushak Assistance for Livelihood and Income Augmentation - KALIA ଯୋଜନା** ପ୍ରଚଳନ କରିଛନ୍ତି । ଏହି ଯୋଜନାରେ ପ୍ରାୟ 41 ଲକ୍ଷ 8 ହଜାର କ୍ଷୁଦ୍ର ଏବଂ ନାମମାତ୍ର ଚାଷୀ ଏବଂ 18 ଲକ୍ଷ 69 ହଜାର ଭୂମିହୀନ ଚାଷୀ ପରିବାରକୁ ସହାୟତା ମିଳିସାରିଛି । 2023-24 ଆର୍ଥିକ ବର୍ଷରେ କାଳିଆ ଯୋଜନା ନିମନ୍ତେ ମୁଁ **1 ହଜାର 8 ଶହ 79 କୋଟି ଟଙ୍କାର** ବ୍ୟୟ ବରାଦ ପ୍ରସ୍ତାବ ରଖୁଛି ।

ଫସଲ ଉତ୍ପାଦନ ପରିଚାଳନା

16. ବ୍ୟବସ୍ଥିତ ଭାବରେ ଶସ୍ୟ ସଂଗ୍ରହ କରିବା, ଆବଶ୍ୟକ ଗୁଣବତ୍ତାର କୃଷି ଉପକରଣ (ବିହନ, ସାର ଓ କୀଟନାଶକ)ର ବିତରଣ କରିବା ଏବଂ ଏହାକୁ ସମୟାନୁଯାୟୀ ପର୍ଯ୍ୟାପ୍ତ ପରିମାଣରେ ଓ ସୁଲଭ ମୂଲ୍ୟରେ ଚାଷୀଙ୍କୁ ଉପଲବ୍ଧ କରାଇବା ରାଜ୍ୟରେ ଫସଲ ଉତ୍ପାଦନ ପରିଚାଳନାର ଅନ୍ତର୍ଭୁକ୍ତ ।

17. ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (OUAT) ରାଜ୍ୟରେ କୃଷି ଗବେଷଣା, ଶିକ୍ଷା ଏବଂ ସମ୍ପ୍ରସାରଣ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି । ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟକୁ ଏକ **ଉତ୍କର୍ଷ କେନ୍ଦ୍ର** (**Centre of Excellence**)ରେ ପରିଣତ କରିବା ସହ କୃଷି ଗବେଷଣା ଓ ସମ୍ପ୍ରସାରଣ କ୍ଷେତ୍ରରେ ବିଶ୍ୱସ୍ତରୀୟ ମାନଦଣ୍ଡ ସୃଷ୍ଟି କରିବା ପାଇଁ ଆମ ମାନ୍ୟବର ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତିବଦ୍ଧ । OUATରେ କୃଷି ଗବେଷଣା, ଶିକ୍ଷା ଓ ଭିତ୍ତିଭୂମି ବିକାଶ ପାଇଁ **1 ଶହ 66 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି; ଯାହା 2019-20 ବର୍ଷ ବ୍ୟୟବରାଦର ପ୍ରାୟ 5 ଗୁଣ ଅଟେ ।

18. ଆର୍ଥିକ ବିକାଶରେ ଉଦ୍ୟାନ କୃଷି (**Horticulture)** ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଏହା ଚାଷୀ ମାନଙ୍କ ଆୟ ବୃଦ୍ଧିରେ ସହାୟକ ହେବା ସହ ସେମାନଙ୍କର ପୋଷଣ ନିରାପତ୍ତା (**Nutritional Security**) ରେ ଉନ୍ନତି ଆଣିଥାଏ । ଉଦ୍ୟାନ କୃଷି ଫସଲ ଏବଂ ଉଦ୍ୟାନ କୃଷି କ୍ଷେତ୍ରର ସାମଗ୍ରିକ ବିକାଶ ନିମନ୍ତେ ବିଭିନ୍ନ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବା ପାଇଁ **ଉଦ୍ୟାନ କୃଷି ବିକାଶ କାର୍ଯ୍ୟକ୍ରମ** ଅଧୀନରେ **3 ଶହ 81 କୋଟି ଟଙ୍କା** ବ୍ୟୟବରାଦ କରାଯାଇଛି । ସେହିପରି ଉଦ୍ୟାନ କୃଷିର ସମନ୍ୱିତ ବିକାଶ ପାଇଁ **ଜାତୀୟ ଉଦ୍ୟାନ କୃଷି ମିଶନ** ଅଧୀନରେ **1 ଶହ 21 କୋଟି ଟଙ୍କା** ବ୍ୟୟବରାଦ ର ପ୍ରସ୍ତାବ ରହିଛି ।

19. ସଘନ କୃଷି ପଦ୍ଧତି ହେତୁ ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା ଅଧିକ ଗୁରୁତ୍ୱ ବହନ କରିଛି । ରାଜ୍ୟ ଜୈବିକ କୃଷି ନୀତି ଅଧୀନରେ କ୍ରମାଗତ ଭାବେ **ଜୈବିକ କୃଷିକୁ** ପ୍ରୋତ୍ସାହନ ଦିଆଯାଉଛି ଏବଂ ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ପ୍ରାୟ **2 ଲକ୍ଷ ହେକ୍ଟର** ଜମିରେ ଜୈବିକ ଚାଷ କରିବାକୁ ଲକ୍ଷ୍ୟ ରଖାଯାଇଛି ।

20. କୃଷି ଯାନ୍ତ୍ରୀକରଣ ଆମ ସରକାରଙ୍କ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର । ବାଣିଜ୍ୟିକ କୃଷି ଉଦ୍ୟୋଗ ପ୍ରତିଷ୍ଠା ଏବଂ କୃଷି ଉପକରଣକୁ ଲୋକପ୍ରିୟ କରିବା ନିମନ୍ତେ ଆବଶ୍ୟକ ପୁଞ୍ଜି ନିବେଶ ପାଇଁ ରିହାତି ବାବଦରେ **3 ଶହ 88 କୋଟି ଟଙ୍କା** ବ୍ୟୟବରାଦର ପ୍ରସ୍ତାବ ରହିଛି ।

21. **ଜଳନିଧି** ଯୋଜନାକୁ **ସୌର ଜଳନିଧି** ଯୋଜନା ରୂପରେ ପୁନଃ ରୂପାୟନ କରାଯାଇଛି । ଏହା ଅଧୀନରେ, ବିଶେଷ ଭାବରେ ବିଜୁଳି ଅପହଞ୍ଚ ଅଞ୍ଚଳରେ ଅକ୍ଷୟ ଶକ୍ତି ଉତ୍ସକୁ ଉପଯୋଗ କରି ପ୍ରକଳ୍ପ ଗୁଡିକୁ କାର୍ଯ୍ୟକାରୀ କରାଯାଉଛି । ଏପର୍ଯ୍ୟନ୍ତ **2 ହଜାର 9 ଶହ 2 ଟି** ସୌର ଚାଳିତ ଘରୋଇ ଉଠା ଜଳସେଚନ ପଏଣ୍ଟ ସ୍ଥାପିତ ହୋଇଛି । 2023-24 ରେ ଅଧିକ ଅଞ୍ଚଳକୁ ନିଶ୍ଚିତ ଜଳସେଚନ ଅଧୀନରେ ଆଣିବା ପାଇଁ ପ୍ରସ୍ତାବ ରହିଛି ଏବଂ ଏଥିପାଇଁ ଏହି ଯୋଜନାରେ **2 ଶହ 50 କୋଟି ଟଙ୍କାର** ପ୍ରସ୍ତାବ ଦିଆଯାଇଛି । ଏତଦବ୍ୟତୀତ, ଚାଷୀମାନଙ୍କ ମଧ୍ୟରେ ସଠିକ ଜଳ ବ୍ୟବହାର ପରିଚାଳନାକୁ ପ୍ରୋତ୍ସାହିତ କରିବା ପାଇଁ କ୍ଷୁଦ୍ର ଜଳସେଚନକୁ ରାଜ୍ୟ ସହାୟତା ବାବଦକୁ **45 କୋଟି ଟଙ୍କା** ପ୍ରଦାନ କରିବାକୁ ପ୍ରସ୍ତାବ ରହିଛି ।

22. ପୁନଶ୍ଚ, ରାଜ୍ୟରେ କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରର ସାମଗ୍ରିକ ବିକାଶ ନିମନ୍ତେ **ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା (RKVY)** ଅଧୀନରେ **3 ଶହ 6 କୋଟି ଟଙ୍କା** ବ୍ୟୟବରାଦ କରାଯାଇଛି ।

23. ସାମଗ୍ରୀକ ବିକାଶ ଲକ୍ଷ୍ୟ ନେଇ କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ସହ ଜଡିତ ସମ୍ବଳର ଉତ୍ପାଦନ, ଏକତ୍ରୀକରଣ, ଭଣ୍ଡାରଣ, ପ୍ରକ୍ରିୟାକରଣ, ବିତରଣ ଏବଂ ବିପଣନ ନିମନ୍ତେ **Farmer Producer Organisations (FPOs)**କୁ **52 କୋଟି ଟଙ୍କା** ସହାୟତା ପାଇଁ ପ୍ରସ୍ତାବ ରହିଛି ।

24. **କୃଷିକ୍ଷେତ୍ରରେ ମହିଳା ସଶକ୍ତୀକରଣ-ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ (WSHG)** ଉଦ୍ୟୋଗକୁ ପ୍ରୋତ୍ସାହନ କାର୍ଯ୍ୟକ୍ରମ ମାଧ୍ୟମରେ ମହିଳା ହିତାଧିକାରୀ/WSHG ମାନଙ୍କର ନିରନ୍ତର ଆୟ ସୃଷ୍ଟି ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଆସନ୍ତା ପାଞ୍ଚ ବର୍ଷ ମଧ୍ୟରେ ଖର୍ଚ୍ଚ ପାଇଁ **3 ଶହ 67 କୋଟି ଟଙ୍କା** ବ୍ୟୟବରାଦର ପ୍ରସ୍ତାବ ରଖାଯାଇଛି । ମିଶନ ଅବଧିରେ ଓଡିଶାକୁ ଛତୁ ଓ ଉଚ୍ଚ ମୂଲ୍ୟଯୁକ୍ତ ଫୁଲର ଏକ ରପ୍ତାନିକାରୀ ରାଜ୍ୟ କରିବା ପାଇଁ 2023-24 ବଜେଟରେ ଛତୁ ମିଶନ ଏବଂ ଫୁଲ ଚାଷ ମିଶନ ଅଧୀନରେ **100 କୋଟି ଟଙ୍କା** ବ୍ୟୟବରାଦର ପ୍ରସ୍ତାବ ରହିଛି ।

25. 5 ବର୍ଷ ମଧ୍ୟରେ ରାଜ୍ୟର 9ଟି ଜିଲ୍ଲାର 50ଟି ବ୍ଲକରେ ଓଡ଼ିଶା ପଣସ ମିଶନ କାର୍ଯ୍ୟକାରୀ ହେବାକୁ ଯାଉଛି । 2023-24 ବଜେଟରେ ଏହି ଯୋଜନା ଅଧୀନରେ **9 କୋଟି ଟଙ୍କା** ବ୍ୟୟବରାଦର ପ୍ରସ୍ତାବ ଦିଆଯାଇଛି ।

ଜଳସେଚନ ଓ ଜଳ ବ୍ୟବହାର ଦକ୍ଷତା

ମାନ୍ୟବର ବାଚସ୍ପତି ମହୋଦୟ!

26. ଜଳସେଚନର ଦ୍ରୁତ ବିକାଶ ଉପରେ ଆମ ସରକାରଙ୍କ ଗୁରୁତ୍ୱ ଜାରି ରହିଛି । ନିକଟ କିଛି ବର୍ଷ ମଧ୍ୟରେ କଳାହାଣ୍ଡିର **ଉପର ଇନ୍ଦ୍ରାବତୀ ଉଠା ଜଳସେଚନ ପ୍ରକଳ୍ପ, ନୂଆପଡ଼ା ଓ ବଲାଙ୍ଗୀର ଜିଲ୍ଲାକୁ ଉପକୃତ କରୁଥିବା ଲୋୟର ଇନ୍ଦ୍ର ବୃହତ ଜଳସେଚନ ପ୍ରକଳ୍ପ ଏବଂ ମୟୂରଭଞ୍ଜ ଓ କେନ୍ଦୁଝରର ଆଦିବାସୀ କୃଷକମାନଙ୍କ ପାଇଁ ଦେଓ ଜଳସେଚନ ପ୍ରକଳ୍ପ ଭଳି ବଡ଼ ପ୍ରକଳ୍ପଗୁଡ଼ିକୁ ଆମ ମାନ୍ୟବର ମୁଖ୍ୟମନ୍ତ୍ରୀ ରାଜ୍ୟର କୃଷକ ସମୁଦାୟକୁ ସମର୍ପିତ କରିଛନ୍ତି । ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ଦ୍ୱାରା ଗତ ଦୁଇ ବର୍ଷ ମଧ୍ୟରେ ମୟୂରଭଞ୍ଜ ଓ ବାଲେଶ୍ୱରରେ ଅତିରିକ୍ତ 32 ହଜାର ହେକ୍ଟର ଜମିକୁ ଜଳସେଚନ ଯୋଗାଇ ଦିଆଯାଇଛି । ଏହି ପ୍ରକଳ୍ପରେ ଚଳିତ ବର୍ଷ ଆଉ 10 ହଜାର ହେକ୍ଟର ଜମିକୁ ଜଳସେଚନ ଯୋଗାଇ ଦିଆଯିବା ।**

27. ପଶ୍ଚିମ ଓଡ଼ିଶାବାସୀଙ୍କ ପ୍ରତି ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଥିବା ପ୍ରତିବଦ୍ଧତା ସ୍ୱରୂପ ବରଗଡ଼ ଜିଲ୍ଲାର ବିଜେପୁର, ସୋହେଲା ଓ ବରପାଲିର ଚାଷୀଙ୍କୁ ଉପକୃତ କରିବା ପାଇଁ 2020 ମସିହାରେ **ଗଙ୍ଗାଧର ମେହେର ଉଠା ଜଳସେଚନ ପ୍ରକଳ୍ପ** ଆରମ୍ଭ ହୋଇଥିଲା । 11 ଫୁଟ ବ୍ୟାସ ବିଶିଷ୍ଟ ପାଇପ୍ ଲାଇନ୍ ବ୍ୟବହାର କରି ଏହି ପ୍ରକଳ୍ପଟିକୁ ଦ୍ରୁତ ଗତିରେ କାର୍ଯ୍ୟକାରୀ କରାଯାଉଛି । ଏହା ନିର୍ଦ୍ଧାରିତ ସମୟ ପୂର୍ବରୁ ଶେଷ ହେବା ସହ **25 ହଜାର 6 ଶହ ହେକ୍ଟର** ଜମିକୁ ଖରିଫ ଜଳସେଚନ ଯୋଗାଇ ଦେବ ।

28. ବଲାଙ୍ଗୀରର ଲୋୟର ସୁକତେଲ ବୃହତ୍ ଜଳସେଚନ ପ୍ରକଳ୍ପ ଓ କେନ୍ଦୁଝରର କାନୁପୁର ଜଳସେଚନ ପ୍ରକଳ୍ପର ଜଳଭଣ୍ଡାରଗୁଡ଼ିକରେ ଚଳିତ ବର୍ଷ ଜଳ ଗଚ୍ଛିତ କରାଯିବା ସେହିପରି

ବୈତରଣୀ ନଦୀର ଆନନ୍ଦପୁର ବ୍ୟାରେଜରୁ ସାଳନ୍ଦୀ ନଦୀର ବିଦ୍ୟାଧରପୁର ବ୍ୟାରେଜକୁ ସଂଯୋଗ କରୁଥିବା ଲିଙ୍କ୍ କେନାଲକୁ ଚଳିତ ବର୍ଷ କେନ୍ଦୁଝର ଓ ବାଲେଶ୍ୱରବାସୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯିବ । ସେହିପରି ଗଞ୍ଜାମର ଘଟକେଶ୍ୱର ଡ୍ୟାମ, ଅନୁଗୁଳର ମନଯୋର ସମ୍ପ୍ରସାରଣ ଓ ନୟାଗଡ଼ର କୁସୁମୀ ବ୍ୟାରେଜ୍ ନିର୍ମାଣ କାର୍ଯ୍ୟ 2023 ରେ ଶେଷ ହେବ ।

29. କ୍ରମାଗତ ଭାବେ ବୃଦ୍ଧି ପାଉଥିବା ଜଳର ଚାହିଦାକୁ ପୂରଣ କରିବା ତଥା ଜଳ ସଂରକ୍ଷଣ ଉଦ୍ଦେଶ୍ୟରେ ଆମ ସରକାର 2020 ମସିହାରେ ବିଭିନ୍ନ ନଦୀଉପରେ **"In-stream Storage Structures (ISS)"** ନିର୍ମାଣ ପାଇଁ ଏକ ଯୋଜନା ଘୋଷଣା କରିଥିଲେ । 30ଟି In-stream Storage Structure ର କାମ ହାତକୁ ନିଆଯାଇଥିବା ବେଳେ ଯାଜପୁର ସପ୍ତମାତୃକାସ୍ଥିତ In-stream Storage Structure ର କାର୍ଯ୍ୟ 2023 ଜୁନ୍ ମାସ ସୁଦ୍ଧା ଶେଷ ହେବ। ଏହାବ୍ୟତୀତ ବରଗଡ଼ର ଜାମୁତପାଲି, ବୌଦ୍ଧ-ସୋନପୁରର ଖଇରାମାଳ, କଟକ-ନୟାଗଡ଼ର ସୁବଳୟା, ସମ୍ବଲପୁରର ବୁଦଲାପାଲି, ଗଞ୍ଜାମର ସୋରଡ଼ା, ମୟୂରଭଞ୍ଜର କଂସପାଳ, ଭଦ୍ରକର ଆଖୁଆପଦା, ସମ୍ବଲପୁରର ଦେଓଗାଁ, କଳାହାଣ୍ଡିର ଅମାଠ, ବଲାଙ୍ଗୀରର କୁକେଦମାଳ, ଯାଜପୁରର ଜେନାପୁର, କଳାହାଣ୍ଡି-ବଲାଙ୍ଗିରର କୁରୁସୁଦ, ଯାଜପୁରର ଯୋକଡ଼ିଆ, ବଲାଙ୍ଗୀର-କଳାହାଣ୍ଡିର ପଥରଲା, ବଲାଙ୍ଗୀରର ତୁସ୍ତାପାଲି (ଲୋୟର ଲାଣ୍ଡ) ଓ ସୋନପୁର-ବୌଦ୍ଧର ଗୋଧନେଶ୍ୱର ଠାରେ ଚଳିତ ବର୍ଷ ଆଉ **16 ଟି In-stream Storage Structure** ନିର୍ମାଣ କରାଯାଉଛି। ଆଗାମୀ ଆର୍ଥିକ ବର୍ଷରେ ମୋଟ **20 ଟି In-stream Storage Structure ନିର୍ମାଣ କରିବାକୁ ପ୍ରସ୍ତାବ ରହିଛି । ଏଥି ମଧ୍ୟରେ କନ୍ଧମାଳର ଖଡାଗୋ ଠାରେ ଉକ୍ତ ଅଞ୍ଚଳର ଦୀର୍ଘଦିନର ଆବଶ୍ୟକତାକୁ ପୂରଣ କରିବା ପାଇଁ ଗୋଟିଏ In-stream Storage Structure ର ନିର୍ମାଣ ଅନ୍ତର୍ଭୁକ୍ତ ।** ଏଥିପାଇଁ ବଜେଟରେ **8 ଶହ 54 କୋଟି ଟଙ୍କାର** ବ୍ୟୟ ବରାଦ କରାଯାଇଛି ।

30. ଏପର୍ଯ୍ୟନ୍ତ ଜଳସେଚନ ସୁବିଧା ପହଞ୍ଚି ପାରି ନଥିବା ରାଜ୍ୟର ଉପରମୁଣ୍ଡ ଅଞ୍ଚଳର ଆବଶ୍ୟକତାକୁ ପୂରଣ କରିବା ନିମନ୍ତେ ଆମ ସରକାର **ପାର୍ବତୀ ଗିରି ବୃହତ ଉଠା ଜଳସେଚନ ଯୋଜନା** ଆରମ୍ଭ କରିଛନ୍ତି । **ଏହି ଯୋଜନାରେ 2 ଶହ 8ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି । ଦ୍ୱିତୀୟ ପର୍ଯ୍ୟାୟରେ 5 ବର୍ଷ ମଧ୍ୟରେ 10 ହଜାର 7 ଶହ 59 କୋଟି ଟଙ୍କା ବ୍ୟୟ ଅଟକଳରେ 1 ଶହ 70ଟି ନୂତନ ପ୍ରକଳ୍ପ ହାତକୁ ନିଆଯାଇଛି, ଯାହାକି ଅତିରିକ୍ତ 2 ଲକ୍ଷ 63 ହଜାର ହେକ୍ଟର ଜମିକୁ ଜଳସେଚନ ଯୋଗାଇ ଦେବ । ଏହି ଯୋଜନାରେ 5 ଶହ କୋଟି ଟଙ୍କାର ପ୍ରସ୍ତାବ ରହିଛି ।**

31. ଆମ ସରକାରଙ୍କ ଗଭୀର ନଳକୂପ ଓ ଗୋଷ୍ଠୀ ଉଠା ଜଳସେଚନ କାର୍ଯ୍ୟକ୍ରମ ପ୍ରତି ବରଗଡ଼, ବଲାଙ୍ଗୀର, କଳାହାଣ୍ଡି ଆଦି ଜିଲ୍ଲାର 16 ଲକ୍ଷରୁ ଅଧିକ ଚାଷୀ ପ୍ରବଳ ଉତ୍ସାହ ପ୍ରଦର୍ଶନ କରିଛନ୍ତି । ଏହି ଯୋଜନାରେ 1 ଲକ୍ଷରୁ ଅଧିକ ଗଭୀର ନଳକୂପ ଓ ପ୍ରାୟ 35 ହଜାର ଗୋଷ୍ଠୀ ଉଠା ଜଳସେଚନ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ଏହି ସଫଳତାକୁ ଦୃଷ୍ଟିରେ ରଖି **ଆମ ସରକାର 2025-26 ସୁଦ୍ଧା ଅତିରିକ୍ତ 1 ଲକ୍ଷ ଗଭୀର ନଳକୂପ ସ୍ଥାପନ ପାଇଁ 4 ହଜାର 1 ଶହ 98 କୋଟି ଟଙ୍କା ମଞ୍ଜୁର କରିଛନ୍ତି** । 2023-24 ରେ ଏହି ଯୋଜନା ଅଧୀନରେ **20 ହଜାର ଗଭୀର ନଳକୂପ ପ୍ରତିଷ୍ଠା** ନିମନ୍ତେ **3 ଶହ କୋଟି ଟଙ୍କାର** ପ୍ରାରମ୍ଭିକ ବ୍ୟୟବରାଦ କରାଯାଇଛି । 2023-24 ଆର୍ଥିକ ବର୍ଷରେ **ବିଜୁ କୃଷକ ବିକାଶ ଯୋଜନା (BKVY)** ଅଧୀନରେ 1 ହଜାର 5 ଶହ ଟି ଗୋଷ୍ଠୀ ଉଠା ଜଳସେଚନ ପ୍ରକଳ୍ପ ହାତକୁ ନେବା ପାଇଁ **4 ଶହ କୋଟି ଟଙ୍କାର** ପ୍ରସ୍ତାବ ରହିଛି ।

32. ଏହି ପବିତ୍ର ଗୃହର ସଦସ୍ୟମାନଙ୍କର ଉଦ୍‌ବେଗକୁ ଦୃଷ୍ଟିରେ ରଖି, ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ବୈଷୟିକ ଦୃଷ୍ଟିରୁ ପୁନରୁଦ୍ଧାର ସମ୍ଭବ ହେଉଥିବା ଅଚଳ ଉଠା ଜଳସେଚନ ପଏଣ୍ଟଗୁଡ଼ିକର ପୁନରୁଦ୍ଧାର କାର୍ଯ୍ୟ ହାତକୁ ନିଆଯିବ । ଏହି କାର୍ଯ୍ୟକ୍ରମରେ ଅଧିକରୁ ଅଧିକ ସଂଖ୍ୟକ ଅଚଳ ଉଠା ଜଳସେଚନ ପ୍ରକଳ୍ପ (LIP)କୁ ସାମିଲ କରାଯିବ। **2023-24ରେ ଅଚଳ ଗୋଷ୍ଠୀ ଉଠା ଜଳସେଚନ ପ୍ରକଳ୍ପଗୁଡ଼ିକର ପୁନରୁଦ୍ଧାର ପାଇଁ 1 ଶହ 91 କୋଟି ଟଙ୍କାର ପ୍ରସ୍ତାବ ରହିଛି ।**

33. **ଆଗାମୀ ପାଞ୍ଚ ବର୍ଷରେ ରାଜ୍ୟବାସୀଙ୍କ ବଢିଚାଲିଥିବା ଅବଶ୍ୟକତାକୁ ପୂରଣ କରିବା ପାଇଁ ଜଳ ଭିତ୍ତିଭୂମି ସୃଷ୍ଟି ନିମନ୍ତେ ଆମ ସରକାର ପ୍ରାୟ 75 ହଜାର କୋଟି ଟଙ୍କା ବିନିଯୋଗ କରିବାକୁ ପ୍ରସ୍ତାବ ରଖିଛନ୍ତି ।** ଏହି କାର୍ଯ୍ୟକ୍ରମ ଅଧୀନରେ **ନବରଙ୍ଗପୁର ଜିଲ୍ଲାର** ତେନ୍ତୁଳିଖୁଣ୍ଟି, ନନ୍ଦହାଣ୍ଡି ଓ ନବରଙ୍ଗପୁର ବ୍ଲକର **ନବରଙ୍ଗପୁର ଉଠା ଜଳସେଚନ ପ୍ରକଳ୍ପ**; **ବଲାଙ୍ଗୀର ଜିଲ୍ଲାରେ ଉପର ଲାଣ୍ଡ ଜଳସେଚନ ପ୍ରକଳ୍ପ**; **ନୟାଗଡ଼ ଜିଲ୍ଲାର** ନୟାଗଡ଼, ଖଣ୍ଡପଡ଼ା ,ଦଶପଲ୍ଲା ,ଓଡ଼ଗାଁ ଓ ନୂଆଗାଁ ବ୍ଲକର 23 ହଜାର 3ଶହ ହେକ୍ଟର ଜମିକୁ ଜଳସେଚନ ଯୋଗାଇ ଦେବା ପାଇଁ **ବୃତଙ୍ଗ ଜଳସେଚନ ପ୍ରକଳ୍ପ**; **ଅନୁଗୁଳ ଜିଲ୍ଲାର** ପାଲଲହଡ଼ା କଣିହା ଓ ତେଲକୋଇ ବ୍ଲକର 9 ହଜାର 9ଶହ ହେକ୍ଟର ଜମିକୁ ଜଳସେଚନ ଯୋଗାଇ ଦେବା ପାଇଁ **ସମାକୋଇ ବ୍ୟାରେଜ ପ୍ରକଳ୍ପ**; **ଗଞ୍ଜାମରେ 3 ହଜାର 2 ଶହ** ହେକ୍ଟର ଜମିକୁ ଜଳସେଚନ ଯୋଗାଇ ଦେବା ପାଇଁ ପିପଳପକ ଜଳସେଚନ ପ୍ରକଳ୍ପ **ଏବଂ ମୟୂରଭଞ୍ଜ ଜିଲ୍ଲାରେ 6 ହଜାର 9 ଶହ** ହେକ୍ଟର ଜମିକୁ ଜଳସେଚନ ଯୋଗାଇ ଦେବା ପାଇଁ **ଖଇରିବନ୍ଧନ ଜଳସେଚନ ପ୍ରକଳ୍ପ** କାର୍ଯ୍ୟ ଆରମ୍ଭ କରିବା ପାଇଁ ପ୍ରସ୍ତାବ ରହିଛି ।

34. ଆହୁରି ମଧ୍ୟ, ପ୍ରତିଶ୍ରୁତି ମୁତାବକ **ସରକାର କଳାହାଣ୍ଡିର ସାନ୍ଦୁଲ, ମୟୂରଭଞ୍ଜର ସୋନୋ, ବାଲେଶ୍ୱରର ବାଙ୍କତିରା ଓ ନବରଙ୍ଗପୁରର ତୁରୀଗୁଣ୍ଟାଟ ଭଳି ନୂତନ ମଧ୍ୟମ ଜଳସେଚନ ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରିବା ପାଇଁ ପ୍ରୟାସ ଜାରି ରଖିବେ ।**

35. **ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ତିଆରି ଯୋଜନା (MATY)** ଅଧୀନରେ ଛୋଟ ନଦୀ ଓ ନାଳ ଉପରେ 15 ହଜାରରୁ ଅଧିକ ଆଡ଼ିବନ୍ଧ/ଚେକ୍ ଡ୍ୟାମ୍ ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି । ଏହି ଯୋଜନାର ଦ୍ୱିତୀୟ ସଂସ୍କରଣରେ **ଅତିରିକ୍ତ 12 ଶହ 80ଟି ଚେକ୍ ଡ୍ୟାମ୍ ନିର୍ମାଣର ପ୍ରସ୍ତାବ ରହିଛି । ଏଥି ମଧ୍ୟରୁ ଚଳିତ ବର୍ଷ 4 ଶହ 50ଟି ଚେକ୍ ଡ୍ୟାମ୍ ସମ୍ପୂର୍ଣ୍ଣ ହେବ ଏବଂ ଆଗାମୀ ଆର୍ଥିକ ବର୍ଷରେ ଆହୁରି 4 ଶହ 50ଟି ଚେକ୍ ଡ୍ୟାମ୍ ନିର୍ମାଣ କରିବା ପାଇଁ 1 ଶହ 81 କୋଟି ଟଙ୍କାର ପ୍ରସ୍ତାବ ରହିଛି ।**

36. **ମୁଖ୍ୟମନ୍ତ୍ରୀ ବାତ୍ୟା ପ୍ରତିରୋଧୀ ଲୁଣି ବନ୍ଧ ପ୍ରକଳ୍ପ** (Mukya Mantri Cyclone Resilient Saline Embankment Project)**କୁ ସରକାର ଅନୁମୋଦନ କରିଛନ୍ତି** । ଏହି ଯୋଜନାରେ ଚେନ୍ନାଇସ୍ଥିତ ଜାତୀୟ ମହାସାଗର ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ (NIOT)ର ବୈଷୟିକ ସହାୟତାରେ **ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା** ଓ ପୁରୀ ଜିଲ୍ଲାରେ ପ୍ରାୟ 2 ଶହ କିଲୋମିଟରର ଲୁଣି ବନ୍ଧ/Saline Embankmentକୁ ସୁଦୃଢ କରାଯିବ । ସମ୍ବେଦନଶୀଳ ଅଞ୍ଚଳରେ ବନ୍ୟା ନିୟନ୍ତ୍ରଣ ବନ୍ଧକୁ ସୁଦୃଢ଼ କରିବା ସହ ଜଳ ନିଷ୍କାସନର ଉନ୍ନତିକରଣ ପାଇଁ ବଜେଟରେ **9 ଶହ 61 କୋଟି** ଟଙ୍କାର ବ୍ୟୟବରାଦ କରାଯାଇଛି ।

37. ଆମ ସରକାରଙ୍କ **Canal Lining and System Rehabilitation Programme (CLSRP) ଯୋଜନା** ଅଧୀନରେ ବରଗଡ଼ ଓ ସମ୍ବଲପୁର ଜିଲ୍ଲାର ବରଗଡ଼ ଓ ଶାସନ କେନାଲର ଲାଇନିଂ, କଳାହାଣ୍ଡି ଜିଲ୍ଲାର ଉପର ଇନ୍ଦ୍ରାବତୀ ଡାହାଣ କେନାଲ ତଥା ଅନ୍ୟ ପ୍ରମୁଖ କେନାଲ ଲାଇନିଂ କାର୍ଯ୍ୟ କରାଯିବ । ଏଥିପାଇଁ ବଜେଟ ରେ **2 ଶହ 70 କୋଟି ଟଙ୍କା** ବ୍ୟୟ ବରାଦ କରାଯାଇଛି । ସେହିପରି ଜଳସେଚନ ପ୍ରକଳ୍ପ ଗୁଡିକର ଆଧୁନିକୀକରଣ ପାଇଁ **ନବକୃଷ୍ଣ ଚୌଧୁରୀ ସେଚ ଉନ୍ନୟନ ଯୋଜନାରେ 1 ଶହ 25 କୋଟି ଟଙ୍କା** ର ବ୍ୟୟ ବରାଦ ରହିଛି ।

38. ସରକାରଙ୍କ 5T ନୀତି ଅନୁଯାୟୀ ଏକ ରୂପାନ୍ତରଣକାରୀ ଲକ୍ଷ୍ୟ ଭାବେ ଜଳ ସମ୍ପଦର ଉପଯୁକ୍ତ ଆକଳନ, ବନ୍ୟା ପୂର୍ବାନୁମାନ, ଜଳସେଚନ ପରିଚାଳନା ଏବଂ ପ୍ରକଳ୍ପ ତଦାରଖ କାମରେ ବୈଷୟିକ ଜ୍ଞାନକୌଶଳର ଉପଯୋଗ ପାଇଁ **GO-WATER** ନାମକ ଏକ Water ERP ର ବିକାଶ ପାଇଁ ପ୍ରସ୍ତାବ ରହିଛି । ଏଥି ନିମନ୍ତେ **30 କୋଟି ଟଙ୍କାର ବ୍ୟୟ ବରାଦ** କରାଯାଇଛି ।

କୃଷିକ୍ଷେତ୍ର ଋଣ

ମାନ୍ୟବର ବାଚସ୍ପତି ମହୋଦୟ!

39. ଆମ ସରକାର ନାବାର୍ଡ ସହଭାଗୀତାରେ ଭାଗଚାଷୀ ବିଶେଷ କରି ଭୂମିହୀନ କୃଷକମାନଙ୍କୁ ଆନୁଷ୍ଠାନିକ ଋଣ ପ୍ରଦାନ କରିବା ପାଇଁ **"ବଳରାମ"** ଯୋଜନା ଆରମ୍ଭ କରିଛନ୍ତି । ଏହି ଯୋଜନାରେ 1 ଲକ୍ଷ Joint Liability Groups (JLGs) ମାଧ୍ୟମରେ 5 ଲକ୍ଷ କୃଷକଙ୍କୁ ଅନ୍ତର୍ଭୁକ୍ତ କରିବାର ଲକ୍ଷ୍ୟ ରହିଛି । ଏହି ଯୋଜନାରେ 56 ହଜାର 3 ଶହ 11 Joint Liability Groups ଗଠନ କରାଯାଇ 12 ହଜାର 3 ଶହ 94 କୃଷକମାନଙ୍କୁ **98 କୋଟି ଟଙ୍କା** ଋଣ ପ୍ରଦାନ କରାଯାଇଛି ।

40. କାଳିଆ ଯୋଜନା ଅଧିନରେ ଚାଷୀମାନଙ୍କୁ 50 ହଜାର ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ କୃଷି ଋଣ ଉପଲବ୍ଧ କରାଇବା ପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ । ଆମ ପ୍ରତିଶ୍ରୁତି ମୁତାବକ ଚାଷୀମାନଙ୍କୁ 50 ହଜାର ଟଙ୍କାରୁ 3 ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ରାଶି ଶତକଡା 2 ପ୍ରତିଶତ ରିହାତି ସୁଧରେ ଯୋଗାଉଛୁ । ମୁଁ ଚାଷୀ ମାନଙ୍କ ପାଇଁ ସୁଧ ରିହାତି (**Interest Subvention**) ଯୋଜନାରେ **8 ଶହ 36 କୋଟି** ଟଙ୍କା ବ୍ୟୟ ବରାଦ ପ୍ରସ୍ତାବ ରଖୁଛି ।

41. ସମବାୟ ସଂସ୍ଥାଗୁଡ଼ିକ ଦ୍ୱାରା ଆମ ରାଜ୍ୟରେ ଶତକଡ଼ା 60 ଭାଗ କୃଷି ଋଣ ଉପଲବ୍ଧ କରାଯାଉଥିବା ବେଳେ ସମଗ୍ର ଦେଶରେ ଏହି ହାର ମାତ୍ର 17 ପ୍ରତିଶତ ଅଟେ । ମୁଁ ସମବାୟ ସଂସ୍ଥାମାନଙ୍କୁ ଆର୍ଥିକ ସହାୟତା ନିମନ୍ତେ **30 କୋଟି** ଟଙ୍କା ଏବଂ ସମବାୟ ବ୍ୟାଙ୍କମାନଙ୍କୁ ସାଧାରଣ ଅଂଶ ସହାୟତା (equity support) ପାଇଁ **1 ଶହ 50 କୋଟି** ଟଙ୍କା ବ୍ୟୟ ବରାଦର ପ୍ରସ୍ତାବ ରଖୁଅଛି ।

42. ସେହିପରି, ରାଜ୍ୟରେ ଅଣଧାନ ଶସ୍ୟ କ୍ରୟ ନିମନ୍ତେ ଓଡ଼ିଶା ରାଜ୍ୟ ସମବାୟ ମାର୍କେଟିଂ ଫେଡେରେସନ୍ ଲିମିଟେଡ୍ କୁ **1 ଶହ କୋଟି** ଟଙ୍କାର କର୍ପସ୍ ପାଣ୍ଠି ପ୍ରଦାନ କରାଯାଇଛି । ମୁଁ ସାର ଏବଂ ବିହନ କିଣା ପାଇଁ ସୁଧମୁକ୍ତ ଋଣ ପ୍ରଦାନ ବାବଦକୁ **2 ଶହ କୋଟି** ଟଙ୍କା ବ୍ୟୟ ବରାଦ ପ୍ରସ୍ତାବ ରଖୁଛି ।

43. ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ଏବଂ ପୋକ ଜନିତ ଫସଲ ହାନୀ କ୍ଷେତ୍ରରେ ବୀମା ଅନ୍ତର୍ଭୁକ୍ତ କରିବା ନିମନ୍ତେ **ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା** କାର୍ଯ୍ୟକାରୀ ହେଉଛି । ଚାଷୀମାନଙ୍କୁ ସେମାନଙ୍କ ପ୍ରାପ୍ୟ ପ୍ରଦାନ କରିବା ନିମନ୍ତେ ବଜେଟରେ **6 ଶହ କୋଟି** ଟଙ୍କା ବ୍ୟୟ ବରାଦ କରାଯାଇଛି ।

ଅମଳ ପରବର୍ତ୍ତୀ ପରିଚାଳନା

44. ଅଣଧାନ ଶସ୍ୟ ଯଥା ମୁଗ, ବିରି, ହରଡ, ଚିନାବାଦାମ ଏବଂ ସୂର୍ଯ୍ୟମୁଖୀ ଇତ୍ୟାଦି ଫସଲର ଉଚିତ ମୂଲ୍ୟ ଚାଷୀ ମାନଙ୍କୁ ଯୋଗାଇବା ପାଇଁ ରାଜ୍ୟରେ NAFEDର ସହଭାଗିତାରେ **ମୂଲ୍ୟ ସମର୍ଥନ ପ୍ରଣାଳୀ (Price Support System)** ଆରମ୍ଭ ହୋଇଅଛି । ଡାଲି ଓ ତୈଳ ଜାତୀୟ ଶସ୍ୟ ସଂଗ୍ରହ ପାଇଁ ଚାଷୀ ମାନଙ୍କର ପଞ୍ଜୀକରଣ ନିମନ୍ତେ **e-Samridhi ପୋର୍ଟାଲ** ଆରମ୍ଭ ହୋଇଛି ।

45. ଓଡ଼ିଶା ମିଲେଟ୍ ମିଶନ ଆମ ସରକାରଙ୍କ ଏକ ଅଗ୍ରଣୀ ପଦକ୍ଷେପ। ରାଜ୍ୟ ସରକାର 2017 ମସିହାରେ ଜଳବାୟୁ ସହନଶୀଳ ଏବଂ ପୋଷକ ତତ୍ତ୍ୱ ସମୃଦ୍ଧ ମିଲେଟ୍ ଫସଲର ପ୍ରଚାର ପ୍ରସାର ପାଇଁ ଏହି ମିଶନ ଆରମ୍ଭ କରିଥିଲେ। 2022-23 ବର୍ଷରେ ମିଶନ ମୋଡରେ ମିଲେଟ୍ ର ପ୍ରୋତ୍ସାହନ ପାଇଁ ଆମ ରାଜ୍ୟର 19ଟି ଜିଲ୍ଲାର 1 ଶହ 43ଟି ବ୍ଲକରେ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମକୁ ପ୍ରଚଳନ କରାଯାଇଅଛି । ଆଗାମୀ 2023-24 ବର୍ଷରେ ଏହି କାର୍ଯ୍ୟକ୍ରମକୁ ରାଜ୍ୟର ସମସ୍ତ 30ଟି ଜିଲ୍ଲାର 1 ଶହ 77ଟି ବ୍ଲକରେ କାର୍ଯ୍ୟକାରୀ କରିବା ନିମନ୍ତେ ଯୋଜନା ରହିଛି । **ମିଳିତ ଜାତିସଂଘ 2023 ବର୍ଷକୁ ଆନ୍ତର୍ଜାତୀୟ ମିଲେଟ୍ ବର୍ଷ ଭାବରେ ଘୋଷଣା କରିଛନ୍ତି** । ମାଣ୍ଡିଆ ଓ ବାଜରା ଜାତୀୟ ଫସଲର (Millet) ପ୍ରୋତ୍ସାହନ ପାଇଁ ଓଡ଼ିଶା ମଡେଲକୁ ଅନ୍ୟ ରାଜ୍ୟମାନେ ବ୍ୟାପକ ସ୍ୱୀକୃତି ପ୍ରଦାନ କରିବା ସହ ଏହି ମଡେଲକୁ ଗ୍ରହଣ କରିଛନ୍ତି । 2023-24 ଆର୍ଥିକ ବର୍ଷରେ ଏହି ମିଶନ ନିମନ୍ତେ **4 ଶହ 97 କୋଟି** ଟଙ୍କା ବ୍ୟୟ ବରାଦ କରାଯାଇଛି ।

ଆନୁଷଙ୍ଗିକ କାର୍ଯ୍ୟକ୍ରମ

46. ବିଗତ ଦୁଇ ଦଶନ୍ଧିରେ ପଶୁସମ୍ପଦ ଏବଂ ମତ୍ସ୍ୟ କ୍ଷେତ୍ର କୃଷକମାନଙ୍କ ପର୍ଯ୍ୟାପ୍ତ ଆୟ ବୃଦ୍ଧିରେ ପ୍ରମୁଖ ଭୂମିକା ଗ୍ରହଣ କରିପାରିଛି । ଆମ ସରକାର ଆନୁଷଙ୍ଗିକ କ୍ଷେତ୍ରକୁ କୃଷକ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ କୃଷି ଉଦ୍ୟୋଗୀ ମାନଙ୍କର ବିକାଶ ଦିଗରେ ମୁଖ୍ୟ ସଞ୍ଚାଳକ ଭାବେ ଚିହ୍ନଟ କରିଛନ୍ତି । ମତ୍ସ୍ୟଚାଷ ଓ ପଶୁପାଳନ କ୍ଷେତ୍ରରେ ବ୍ୟୟ ବରାଦକୁ ବୃଦ୍ଧି କରି **1 ହଜାର 7 ଶହ 69 କୋଟି** ଟଙ୍କାର ପ୍ରସ୍ତାବ ରଖିଛୁ ।

ମତ୍ସ୍ୟଚାଷ

47. ମତ୍ସ୍ୟପାଳନ ଓ aquaculture କୃଷକ ମାନଙ୍କର ଆୟ ବୃଦ୍ଧି, ଜୀବିକା ନିର୍ବାହ, ରୋଜଗାର ସୃଷ୍ଟି, ଖାଦ୍ୟ ନିରାପତ୍ତା ପ୍ରଦାନ ଏବଂ ରାଜ୍ୟର ରପ୍ତାନି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ମତ୍ସ୍ୟ ଉତ୍ପାଦନ ଓ ଉତ୍ପାଦକତା ବୃଦ୍ଧି ଲକ୍ଷ୍ୟରେ ଆମ ସରକାର ମତ୍ସ୍ୟଚାଷକୁ ବହୁଳ ମାତ୍ରାରେ ପ୍ରୋତ୍ସାହିତ କରୁଛନ୍ତି । **ସଘନ ଓ ଆଭ୍ୟନ୍ତରୀଣ ମାଛଚାଷର ଉନ୍ନତି ନିମନ୍ତେ 1 ଶହ 43 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।**

48. **ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବି କଲ୍ୟାଣ ଯୋଜନା ଅନ୍ତର୍ଗତ 17 ଟି component ପାଇଁ ବଜେଟରେ ମୋଟ 2 ଶହ 10 କୋଟି ଟଙ୍କାର** ବ୍ୟୟବରାଦ ପ୍ରସ୍ତାବ ରହିଛି । ଏହାଦ୍ୱାରା 11 ହଜାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସମେତ 50 ହଜାର ମତ୍ସ୍ୟଜୀବୀ ପ୍ରତ୍ୟକ୍ଷ ଭାବରେ ଉପକୃତ ହେବା ସହ 1 ଲକ୍ଷରୁ ଅଧିକ ମତ୍ସ୍ୟଜୀବୀଙ୍କ ପାଇଁ ପରୋକ୍ଷ ନିଯୁକ୍ତି ସୃଷ୍ଟିର ଲକ୍ଷ୍ୟ ରଖାଯାଇଛି ।

49. ମତ୍ସ୍ୟ ଅବତରଣ କେନ୍ଦ୍ରର ଆଧୁନିକୀକରଣ ଏବଂ ଅନ୍ୟାନ୍ୟ ଭିତ୍ତିଭୂମି ମାନଙ୍କର ଉନ୍ନତିକରଣ ନିମନ୍ତେ ବଜେଟ୍‌ରେ **2 ଶହ 20 କୋଟି** ଟଙ୍କା ବ୍ୟୟ ବରାଦ କରାଯାଇଛି ।

50. ଅସ୍ତରଙ୍ଗର ଦେବୀ ନଦୀ ଏବଂ ପାରାଦ୍ୱୀପର ମହାନଦୀ ମୁହାଣରୁ ମାଟି ଖନନ କରି ବର୍ଷ ସାରା ନୌକା ଚଳାଚଳ ଯୋଗ୍ୟ କରିବା ପାଇଁ **20 କୋଟି** ଟଙ୍କାର ବ୍ୟୟ ବରାଦ ରହିଛି ।

51. ଆମେ ମତ୍ସ୍ୟଚାଷର ସମନ୍ୱିତ ଉନ୍ନୟନ ଓ ପରିଚାଳନା ପାଇଁ **ନୀଳ ବିପ୍ଳବ (Blue Revolution) ଯୋଜନା** ଅଧୀନରେ **1 ଶହ 80 କୋଟି** ଟଙ୍କାର ବ୍ୟୟବରାଦ କରିଛୁ ।

ପଶୁପାଳନ ଓ ଗୋପାଳନ

52. ପଶୁ ଓ ଗୋପାଳନ ମାଧ୍ୟମରେ ଗ୍ରାମାଞ୍ଚଳରେ ଆତ୍ମନିଯୁକ୍ତି ଓ ନାରୀ ସଶକ୍ତିକରଣ ପାଇଁ ପର୍ଯ୍ୟାପ୍ତ ସମ୍ଭାବନା ରହିଛି ।

53. 2023-24 ଆର୍ଥିକ ବର୍ଷରେ ନୂତନ ବ୍ରୟଲର ଫାର୍ମ, କେଜ୍ ପଦ୍ଧତିରେ ଲେୟାର କୁକୁଡ଼ା ଫାର୍ମ, ବତକ ଫାର୍ମ, ଅଗଣାରେ କୁକୁଡ଼ା ପାଳନ ୟୁନିଟ୍ ଏବଂ ମିନି କୁକୁଡ଼ା ଖାଦ୍ୟ ୟୁନିଟ୍ ପ୍ରତିଷ୍ଠା ପାଇଁ ସହାୟତା ପ୍ରଦାନ ନିମନ୍ତେ **କୁକୁଡ଼ା ଚାଷ ବିକାଶ** ଅଧୀନରେ **1 ଶହ 57 କୋଟି** ଟଙ୍କାର ବ୍ୟୟବରାଦ କରଯାଇଛି ।

54. 3 ଶହ ରୁ ଅଧିକ କୃଷକଙ୍କୁ small sheep & goat unit ଏବଂ 2 ହଜାର 2 ଶହରୁ ଅଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ semi commercial Goat Units ପ୍ରତିଷ୍ଠା ନିମିତ୍ତ ସହଯୋଗ ପ୍ରଦାନ ପାଇଁ 2023-24 ଆର୍ଥିକ ବର୍ଷରେ **29 କୋଟି** ଟଙ୍କାର ବ୍ୟବସ୍ଥା ରହିଛି । ଆଗାମୀ ଆର୍ଥିକ ବର୍ଷରେ ରାଜ୍ୟରେ ଘୁଷୁରି ଚାଷ ର ବିକାଶ ନିମିତ୍ତ pig unit ସ୍ଥାପନ ପାଇଁ 1 ଶହ 30 ଜଣ କୃଷକଙ୍କୁ ସହାୟତା ପ୍ରଦାନ କରାଯିବ | ଏଥି ନିମନ୍ତେ ବଜେଟ ରେ **2 କୋଟି ଟଙ୍କାର** ପ୍ରସ୍ତାବ ରହିଛି ।

55. କାର୍ଯ୍ୟଶୀଳ ଗୋଶାଳାର ରକ୍ଷଣବେକ୍ଷଣ ତଥା ନୂତନ ଗୋଶାଳାର ନିର୍ମାଣକୁ ଆର୍ଥିକ ସହାୟତା ପ୍ରଦାନ ନିମନ୍ତେ **20 କୋଟି ଟଙ୍କା** ବ୍ୟୟବରାଦ କରାଯାଇଛି ।

56. **ରାଷ୍ଟ୍ରୀୟ ପଶୁଧନ ବିକାଶ** ଯୋଜନାରେ ଗୋପାଳନ ଉନ୍ନୟନ ଓ ପଶୁଧନ ପରିଚାଳନା ପାଇଁ **1 ଶହ 20 କୋଟି** ଟଙ୍କାର ବ୍ୟୟବରାଦ କରାଯାଇଛି ।

57. ଆମେ 2023-24 ଆର୍ଥିକ ବର୍ଷରେ ପଶୁସମ୍ପଦ ସ୍ୱାସ୍ଥ୍ୟ ଏବଂ ରୋଗ ନିୟନ୍ତ୍ରଣ (Livestock Health & Disease Control) କାର୍ଯ୍ୟକ୍ରମ ଅଧୀନରେ **2 ଶହ 67 କୋଟି** ଟଙ୍କାର ପ୍ରସ୍ତାବ ରଖିଛୁ ।

58. କୃତ୍ରିମ ଗର୍ଭଧାରଣ କାର୍ଯ୍ୟକ୍ରମ ମାଧ୍ୟମରେ ଗୋରୁମାନଙ୍କର ଜେନେଟିକ୍ ଗୁଣବତ୍ତାକୁ ଉନ୍ନତ କରି ଅଧିକ ଦୁଗ୍ଧ ଉତ୍ପାଦନ ନିମନ୍ତେ ବଜେଟରେ **18 କୋଟି ଟଙ୍କା** ର ପ୍ରସ୍ତାବ ଦିଆଯାଇଛି ।

59. 2023-24 ଆର୍ଥିକ ବର୍ଷରେ ପଶୁସେବା ତଥା ଆବଶ୍ୟକୀୟ ଭିତ୍ତିଭୂମି ପ୍ରଦାନ ନିମନ୍ତେ **1 ଶହ 94 କୋଟି** ଟଙ୍କା ର ବ୍ୟୟ ବରାଦ କରାଯାଇଛି । ଏହାଦ୍ୱାରା ପଶୁ ଚିକିତ୍ସାଳୟ ଗୁଡିକର ସୁଦୃଢୀକରଣ ଏବଂ ଆଧୁନିକୀକରଣ କରାଯାଇପାରିବ ।

ମାନ୍ୟବର ବାଚସ୍ପତି ମହୋଦୟ!

60. ଆମେ 2013-14 ଆର୍ଥିକ ବର୍ଷରେ ପ୍ରଥମ ଥର ପାଇଁ **7 ହଜାର 1 ଶହ 62 କୋଟି ଟଙ୍କା ବ୍ୟୟ ଅଟକଳର** ସ୍ୱତନ୍ତ୍ର କୃଷି ବଜେଟ୍ ଆଗତ କରିଥିଲୁ । ଆମ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର ବଳିଷ୍ଠ ନେତୃତ୍ୱରେ ମୁଁ **2023-24** ଆର୍ଥିକ ବର୍ଷ ପାଇଁ କୃଷି ବଜେଟ୍ ନିମନ୍ତେ **24 ହଜାର 8 ଶହ 29 କୋଟି ଟଙ୍କାର ବ୍ୟୟ ବରାଦ** ପ୍ରସ୍ତାବ ଆଗତ କରୁଛି ।

61. କୃଷି ଗ୍ରାମୀଣ ସମୃଦ୍ଧିର ଏକ ମୌଳିକ ଉତ୍ସ । କୃଷି କେବଳ ଜୀବିକା ନିର୍ବାହର ମାଧ୍ୟମ ନ ହୋଇ ଅଭିବୃଦ୍ଧି ଓ ଦାରିଦ୍ର୍ୟ ଦୂରୀକରଣର ଏକ ପ୍ରମୁଖ ଚାଳକ ହେବା ଆବଶ୍ୟକ । ତେଣୁ ଫସଲ ବିବିଧତା ଓ ମୂଲ୍ୟଯୁକ୍ତ କୃଷି ଅର୍ଥନୀତି ଉପରେ ଗୁରୁତ୍ୱ ପ୍ରଦାନ କରାଯିବ । ଆମର ପ୍ରସିଦ୍ଧ ସ୍ୱଭାବ କବି ଗଙ୍ଗାଧର ମେହେର ନିମ୍ନୋକ୍ତ ଶବ୍ଦରେ କୃଷି ଓ କୃଷକ ର ଜୟଗାନ କରିଛନ୍ତି ।

"କୃଷି ସିନା ସଂସାରେ ସଭ୍ୟତାର ମୂଳ
କୃଷି ଏକା ସକଳ ଜୀବିକାର ଚୂଳ ।"

ଏହି ଉକ୍ତି ସହ ମୁଁ କୃଷି ବଜେଟ୍‌କୁ ଆମ ରାଜ୍ୟର ଜନସାଧାରଣ ଏବଂ କୃଷକମାନଙ୍କ ସାମୁହିକ ଅଭିବୃଦ୍ଧି, ସମୃଦ୍ଧି ଓ ବିକାଶ ପାଇଁ ଉତ୍ସର୍ଗ କରୁଛି ।

ODISHA
MILLETS MISSION

ମିଶନ ଶକ୍ତି

CHAKH LE MILLETS